# PANCHAYATIRAJ & DRINKING WATER DEPARTMENT

## PRESS BRIEF

Government of Odisha have taken a decision for execution of 02 nos of individual Rural Piped Water Supply Projects under one package to provide safe drinking water in the mining affected areas of Angul District out of DMF funding. By this project, 3,40,197 people of 388 villages under 64 GPs of 03 Blocks of the District will be provided with safe drinking water. On this account, 1,21,849 people of 140 villages under Talcher Block, 1,66,508 people of 172 villages under Chhendipada Block and 51,840 people of 76 villages under Kaniha Block of Angul District will be benefited.

Now Cabinet have approved the lowest tender of M/s. N.C.C. Ltd., Hyderabad amounting to Rs.701,86,17,500/- for execution of above work. The work is targeted for completion within a period of 24 months.

# ପଞ୍ଚାୟତି ରାଜ ଓ ପାନୀୟଜଳ ବିଭାଗ

## ପ୍ରେସ ବିବୃତ୍ତି

ରାଜ୍ୟର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ରାଜ୍ୟ ସରକାରଙ୍କ ପ୍ରମୁଖ ଦାୟିତ୍ୱ । ରାଜ୍ୟର ଅନୁଗୁଳ ଜିଲ୍ଲାର ୩ ଗୋଟି ବ୍ଲକ ଅନ୍ତର୍ଗତ ୩୮୮ ଗୋଟି ଗ୍ରାମରେ ଭୂତଳ ଜଳ ଖଣି ଦ୍ୱାରା ପ୍ରଭାବିତ ହୋଇଥିବା ପରିପ୍ରେକ୍ଷୀରେ, ଏହି ସମସ୍ତ ଗ୍ରାମକୁ ଜିଲ୍ଲା ଖଣିଜ ସଂସ୍ଥାନ (DMF) ଅର୍ଥ ସହାୟତାରେ ଭୂପୃଷ୍ଠ ଜଳକୁ ବିଶୋଧନ କରାଯାଇ ବିଶୁଦ୍ଧ ଜଳ ଯୋଗାଇ ଦେବା ନିମନ୍ତେ ଦୁଇଗୋଟି ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ କୁ ଗୋଟିଏ ପ୍ୟାକେଜରେ EPC ନିବିଦା ମାଧ୍ୟମରେ କାର୍ଯ୍ୟକାରୀ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି ।

ଉକ୍ତ ପ୍ରକଳ୍ପ ଗୁଡିକ ଦ୍ୱାରା ଅନୁଗୁଳ ଜିଲ୍ଲାର ୩ ଗୋଟି ବ୍ଲକ ଅଧିନରେ ଥିବା ୬୪ ଗୋଟି ଗ୍ରାମପଞ୍ଚାୟତର ୩୮୮ ଟି ଗ୍ରାମରେ ବସବାସ କରୁଥିବା ପ୍ରାୟ ୩,୪୦,୧୯୭ ଲୋକଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳଯୋଗାଣ ବ୍ୟବସ୍ଥା କରାଯିବ । ଯାହାଦ୍ୱାରା ତାଳଚେର ବ୍ଲକ ଅନ୍ତର୍ଗତ ୧୪୦ ଟି ଗ୍ରାମର ୧୨୧୮୪୯; ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ୧୭୨ ଟି ଗ୍ରାମର ୧୬୬୫୦୮ ଓ କଣିହା ବ୍ଲକ ଅନ୍ତର୍ଗତ ୭୬ ଟି ଗ୍ରାମର ୫୧୮୪୦ ଜନସାଧାରଣ ଉପକୃତ ହୋଇପାରିବେ ।

ବର୍ତ୍ତମାନ ରାଜ୍ୟ କ୍ୟାବିନେଟ, ଉକ୍ତ ପ୍ରକଳ୍ପର କାର୍ଯ୍ୟ ସମ୍ପାଦନ ନିମନ୍ତେ ଠିକାଦାର M/s NCC Ltd., Hyderabad ଙ୍କ ୭୦୧ କୋଟି ୮୬ ଲକ୍ଷ ୧୭ ହଜାର ୫୦୦ ଶହ ଟଙ୍କାର ସର୍ବନିମ୍ନ ନିବିଦା କୁ ଅନୁମୋଦନ କରିଛନ୍ତି । ଉକ୍ତ ପ୍ରକଳ୍ପ ୨୪ ମାସ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରିବାପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।